ଟିପ୍ପଣୀ

# ଏକକ ୯ - ଗୋଷ୍ଠୀ ପରିଚାଳନା (ବ୍ୟାବହାରିକ ଆଧାରିତ)

ସଂରଚନା


୯.୦ : ଉପକ୍ରମ

୯.୧ : ଶିକ୍ଷଣ ଉଦ୍ଦେଶ୍ୟ

୯.୨ : ଗୋଷ୍ଠୀ ପରିଚାଳନା

୯.୩ : ଘଟଣା ଅଧ୍ୟୟନ : ଗୋଷ୍ଠୀ ପରିଚାଳନା ଅନ୍ତର୍ଭୁକ୍ତ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ

୯.୪ : ଶିକ୍ଷକ ଏବଂ ଗୋଷ୍ଠୀ ପରିଚାଳନା

୯.୫ : ସାରାଂଶ

୯.୬ : ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୯.୭ : ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୯.୮ : ପାଠାନ୍ତ ପ୍ରଶ୍ନାବଳୀ


## ୯.୦ : ଉପକ୍ରମ

"It is rare that something that is tearly owned and held precious by all gets lost or fails."- Smrit

ପୂର୍ବ ଏକକର ବ୍ଲକ୍ ୧ ଓ ୨ରେ ତୁମେମାନେ ସମାଜର ବ୍ୟାପକ ସଂଜ୍ଞା / ଧାରଣା ବିଷୟରେ ପଢ଼ିଛ ଏବଂ ବିଦ୍ୟାଳୟ ସହିତ ସମାଜ ଏବଂ ଗୋଷ୍ଠୀର ଓତଃପ୍ରୋତ୍ ସଂପର୍କ ସମ୍ବନ୍ଧରେ ପଢ଼ିଛ । ଆହୁରି ମଧ ତୁମେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଗୋଷ୍ଠୀ ଅଂଶ ଗ୍ରହଣର ବିଭିନ୍ନ ନୀତି, ବ୍ୟବସ୍ଥା ଏବଂ ଏହାର ଗୁରୁତ୍ୱ ବିଷୟରେ ଅଧ୍ୟୟନ କରିଛ । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଗୋଷ୍ଠୀ ଏକ ମୁଖ୍ୟ ସମ୍ବଳ ଏବଂ ଏହାର ଗୁରତ୍ୱକୁ ଉପଲବ୍ଧି କରିଛ । ଏହି ଏକକରେ ଗୋଷ୍ଠୀ ପରିଚାଳନା ପାଇଁ ବିବିଧ କୌଶଳର ଉଦ୍ଦେଶ୍ୟ, ମାଲିକାନା ଗୋଷ୍ଠୀ ପରିଚାଳନାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଛି । ସାଂପ୍ରତିକ ଏକକଟି ଏକ ବ୍ୟବହାର କାର୍ଯ୍ୟ ଭିତ୍ତିକ ଏକକ ଅଟେ । ଏହା ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ ଅନୁଷ୍ଠାନ ଏବଂ ଗୋଷ୍ଠୀର ଅନ୍ତର୍ଭୁକ୍ତି ଓ ସହାୟତା ନିମନ୍ତେ ବିଭିନ୍ନ ନୀତି/ଉପାୟ ମାନ ନିର୍ଦ୍ଧାରଣ କରିଥାଏ । ଏହି ଏକକରେ ବିଭିନ୍ନ ଉଦାହରଣ ଏବଂ ଘଟଣା ଅଧ୍ୟୟନଗୁଡିକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ପାଇଁ ଗୋଷ୍ଠିକୁ ଏକ ଶକ୍ତିଶାଳୀ ସମ୍ବଳ ରୂପେ ଆଣିବା ଓ ଗୋଷ୍ଠୀ ପରିଚାଳନା ନିମନ୍ତେ ଉପାୟମାନଙ୍କର ପ୍ରସ୍ତାବ ଦେବା ଲକ୍ଷ୍ୟରେ ଦିଆଯାଇଅଛି । ଏହି ଏକକରେ 'ଶିକ୍ଷକ'- ଜଣେ ସହାୟକ ଭାବେ ଗୋଷ୍ଠୀ ସହିତ ସୁସଂପର୍କ ସ୍ଥାପନ ଏବଂ ପ୍ରାଥମିକ ଶିକ୍ଷାର ଲକ୍ଷ୍ୟ ପୂରଣ ଦିଗରେ ଗୋଷ୍ଠୀ ପରିଚାଳନା ଓ ଏହାର ସମ୍ଭାବ୍ୟ ଉପକାରିତା ବିନିଯୋଗ କରି ବିଦ୍ୟାଳୟ ଉନ୍ନତିରେ କାର୍ଯ୍ୟ କରିବା ନିମନ୍ତେ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଟିପ୍ପଣୀ

ଏହି ଏକକଟି ଏକ କ୍ରିୟାତ୍ମକ ଗବେଷଣାଭିତ୍ତିକ ପ୍ରକଳ୍ପ କାର୍ଯ୍ୟ ଅଟେ, ଯାହା ତୁମକୁ ବିଦ୍ୟାଳୟ ପୃଷ୍ଠଭୂମିରେ ହାତକୁ ନେବାକୁ ହେବ ।

## ୯.୧ : ଶିକ୍ଷଣ ଉଦ୍ଦେଶ୍ୟ :

ଏହି ଏକକଟିର ଅଧ୍ୟୟନ ପରେ ତୁମେ -

- ବିଦ୍ୟାଳୟ ବ୍ୟବସ୍ଥାରେ ଗୋଷ୍ଠୀ ମାଲିକନା ଏବଂ ଅଂଶଗ୍ରହଣର ଧାରଣା ଓ ଗୁରୁତ୍ୱକୁ ବୁଝିବା ।
- ବିଦ୍ୟାଳୟ ବ୍ୟବସ୍ଥାରେ ବିଭିନ୍ନ ଗୋଷ୍ଠୀର ସାମ୍ଭାବ୍ୟ ଭୂମିକାକୁ ଚିହ୍ନଟ କରିବା ।

ବିଦ୍ୟାଳୟ ବ୍ୟବସ୍ଥା ପାଇଁ ଗୋଷ୍ଠୀ ପରିଚାଳନାର ଉଦାହରଣମାନ ଦେବା ଏବଂ ଗୋଷ୍ଠୀ ପରିଚାଳିତ ଗୋଷ୍ଠୀର ସମ୍ବଳ ସମୂହକୁ ବ୍ୟବହାର କରିବା ।

ତୁମ ବିଦ୍ୟାଳୟ ପରିପ୍ରେକ୍ଷୀରେ କେତେକ ପତିଚାଳନାଗତ କାର୍ଯ୍ୟର ପ୍ରସ୍ତାବମାନ ଦେବା ।

ପ୍ରଜୁଯ୍ୟ / ପ୍ରାସଙ୍ଗିକ ଗୋଷ୍ଠୀର ପରିଚାଳନାରେ ଶିକ୍ଷକଙ୍କର ଭୂମିକା ଚିହ୍ନଟ କରିବା ।

ଗୋଷ୍ଠୀ ପରିଚାଳକ / ସହାୟକ ରୂପେ ଜଣେ ଶିକ୍ଷକଙ୍କର ଗୁଣ ଓ ଦକ୍ଷତା ସମୂହର ତାଲିକା କରିବା ।

## ୯.୨ : ଗୋଷ୍ଠୀ ପରିଚାଳନା

### ୯.୨.୧ : ଅର୍ଥ ଓ ଗୁରୁତ୍ୱ



ଗୋଷ୍ଠୀ ପରିଚାଳନାର ଗୁରୁତ୍ୱ ଓ ଧାରଣା ଏବଂ ମାଲିକାନା ନିମ୍ନ ପ୍ରଦତ୍ତ ଦୁଇଟି ବିଦ୍ୟାଳୟର କାହାଣୀ / ଗଳ୍ପର ବର୍ଣ୍ଣନା ଆଧାରରେ ଆସ ବୁଝିବା ।

ଦୃଶ୍ୟ ପଟ୍ଟ-୧ : "୨ଟି ବିଦ୍ୟାଳୟର କାହାଣୀ"

ମୁଁ ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଟେ । ଅଜି ମୋତେ ବିଦ୍ୟାଳୟରେ ଯୋଗଦାନ କରିବାକୁ ହେବ ଯେଉଁଠାରେ ମୋତେ ନିର୍ଦ୍ଦେଶକଙ୍କ ଦ୍ୱାରା ନିଯୁକ୍ତ କରାଯାଇଛି । ମୁଁ ସେହି ଅନୁଷ୍ଠାନକୁ ନୂତନ ଭାବେ ଯାଇଥିବାରୁ ବିଦ୍ୟାଳୟ ଯିବା ରାସ୍ତା ପାଇବା ନିମନ୍ତେ ଆଖପାଖ ଲୋକଙ୍କର ସହାୟତା ଲୋଡ଼ିଲି ।

ଘଟଣା ୧ :

ମୁଁ ପ୍ରାଥମିକ ବିଦ୍ୟାଳୟ ସମ୍ବନ୍ଧରେ ଆଖପାଖରେ ବସିଥିବା ଲୋକଙ୍କୁ ପଚାରିଲି । ସେମାନେ ମୋତେ ନିର୍ବିକାର ଭାବରେ ଦେଖିଲେ । ବହୁତ ଚେଷ୍ଟା ପରେ, ଶେଷରେ ମୁଁ ଖୋଜୁଥିବା ପ୍ରାଥମିକ ବିଦ୍ୟାଳୟରେ ପହଁଞ୍ଚିଲି ।

ଘଟଣା -୨ :

ମୁଁ ଆଖପାଖରେ ବସିଥିବା ଲୋକଙ୍କୁ ପ୍ରାଥମିକ ବିଦ୍ୟାଳୟ କେଉଁଠି ବୋଲି ପାଚାରିଲି । ସେମାନଙ୍କ

ମଧ୍ୟରୁ ଜଣେ ପାଖରେ ଥିବା ଲୋକକୁ ସ୍କୁଲର ଅବସ୍ଥିତି ବିଷୟରେ ପଚାରିଲେ । ସେ ଲୋକଟି ସ୍କୁଲର ଅବସ୍ଥିତି ବିଷୟରେ ଜାଣିଥିବାର କହିଲା ଏବଂ ସ୍କୁଲକୁ ପଡିଥିବା ରାସ୍ତାର ସୂଚନା ଦେଲେ । ମୁଁ ଆଖପାଖରେ ଥିବା ଲୋକଙ୍କୁ ପଚାରି ବୁଝିଲି ଏବଂ ମୋର ଲକ୍ଷ୍ୟ ସ୍ଥଳରେ ପହଁଚିଗଲି ।

ଟିପ୍ପଣୀ

ଉପରୋକ୍ତ ଦୃଶ୍ୟପଟ୍ଟରୁ ନିମ୍ନଲିଖିତ ସୂଚନାଗୁଡ଼ିକୁ ନୋଟ କର । :

ଘଟଣା **୧ ରେ :**

ଲୋକମାନଙ୍କର ବିଦ୍ୟାଳୟର ଅବସ୍ଥିତି ସମ୍ବନ୍ଧରେ କୌଣସି ଧାରଣା ନଥିଲା କିମ୍ବା ସେମାନେ ସ୍କୁଲର ଅବସ୍ଥିତି ବିଷୟରେ ଜାଣିବାକୁ କୌଣସି ଆଗ୍ରହ ପ୍ରକାଶ କରୁନଥିଲେ, ତେଣୁ ସେମାନେ ଶିକ୍ଷକଙ୍କୁ ଅବଗତ କରାଇପାରିଲେ ନାହିଁ । ବିଦ୍ୟାଳୟର ଅବସ୍ଥିତି ବିଷୟରେ ଶିକ୍ଷକଙ୍କୁ ଅବଗତ କରାଇବା ନିମନ୍ତେ କେହି ଜଣେ ହେଲେ ପ୍ରୟାସ କଲେ ନାହିଁ କିମ୍ବା ବିଦ୍ୟାଳୟର ଅବସ୍ଥିତି ବିଷୟରେ ସେମାନେ ଅଜ୍ଞାତ ଥିଲେ କିମ୍ବା ସେମାନେ ନିଜନିଜ ବିଷୟରେ କଥୋପକଥନରେ ବ୍ୟସ୍ତ ଥିଲେ ।

ଘଟଣା **୨ ରେ :**

ଦ୍ୱିତୀୟ ପରିସ୍ଥିତିରେ ଲୋକମାନେ ବିଦ୍ୟାଳୟକୁ 'ସେମାନଙ୍କର ବିଦ୍ୟାଳୟ' ବୋଲି ସମ୍ବୋଧନ କରୁଥିଲେ । ନିଜ ପିଲାମାନେ ମଧ ସେହି ବିଦ୍ୟାଳୟରେ ପଢୁଥିବା ବିଷୟରେ ସେମାନେ ସୂଚନା ଦେଲେ ।

ଲୋକମାନେ ବିଦ୍ୟାଳୟ ସମ୍ବନ୍ଧରେ କଥାବାର୍ତ୍ତା ହୋଇ ବିଦ୍ୟାଳୟର ଠିକଣା ବିଷୟରେ ଶିକ୍ଷକଙ୍କୁ ଅବଗତ କରାଇଲେ । ସେମାନଙ୍କ ମଧରେ ପରସ୍ପର ସହଯୋଗ ଓ ସହାନୁଭୂତି ଥିଲା ଏବଂ ପଡ଼ୋଶୀର ପିଲା ବିଦ୍ୟାଳୟରେ ପଢୁଥିବାରୁ ସେମାନଙ୍କୁ ଆବଶ୍ୟକତା ବେଳେ ସାହାଯ୍ୟ କରୁଥିଲେ ।

ଉପରୋକ୍ତ କାହାଣୀ ଅଧ୍ୟୟନ ପରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖ

୧. କେଉଁ ଦୃଶ୍ୟପଟ୍ଟରୁ ଗୋଷ୍ଠୀର ଲୋକମାନଙ୍କ ମଧରେ ସାହାଯ୍ୟ ଓ ସହଯୋଗ ରହିଥିବାର ତୁମେ ଭାବୁଚ ?

୨. କେଉଁ ଦୃଶ୍ୟପଟ୍ଟରୁ ଏକ ଗୋଷ୍ଠୀକୁ ଉପସ୍ଥାପନ କରେ ଯେଉଁଠି ଲୋକମାନେ ଏକାଠି ହୋଇ ସମ୍ବଳ ସମୂହର ମାଲିକାନା ଉପସ୍ଥାପନ କରନ୍ତି ଓ ଏହାର ପରିଚାଳନା କରନ୍ତି ?

ଗୋଷ୍ଠୀର ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମ୍ବଳ/ସାଧନ ହେଉଛି ଏହାର ଜନସମୁଦାୟ ବା ଲୋକମାନେ । ଆତ୍ମବିଶ୍ୱାସ ଓ ଆତ୍ମ-ନିର୍ଭରଶୀଳତାର ବିକାଶ ନିମନ୍ତେ ଗୋଷ୍ଠୀର ଲୋକମାନଙ୍କ ମଧରେ ସହଯୋଗ ନିତାନ୍ତ ଆବଶ୍ୟକ ।

ଉପଲବ୍ଧ ସମ୍ବଳକୁ ବିନିଯୋଗ କରି ବିଭିନ୍ନ କାର୍ଯ୍ୟଯୋଜନା ପ୍ରସ୍ତୁତି କରିବା ଓ ତଦନୁଯାୟୀ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବା ହେଉଛି ଗୋଷ୍ଠୀର ଗୁରୁତ୍ୱପୁର୍ଣ୍ଣ ଭୂମିକା । ଯେଉଁଠାରେ ସ୍ଥାନୀୟ ସ୍ୱୟଂ-ଶାସିତ ସରକାର କାର୍ଯ୍ୟ କରୁଛି ସେଠାରେ ସ୍ଥାନୀୟ ଲୋକମାନଙ୍କର ନିଷ୍ପତିକୁ ଗୁରୁତ୍ୱ ଦିଆଯାଏ । ତେଣୁ ଏହାଦ୍ୱାରା ଗୋଷ୍ଠୀର ବିକାଶ ସମ୍ଭବପର ହୁଏ । ଏହାକୁ ଗୋଷ୍ଠୀ ପରିଚାଳନା କୁହାଯାଏ । ଯେଉଁ ସ୍ଥାନୀୟ ଲୋକମାନେ ଯୋଜନା କରନ୍ତି ଏବଂ ସେହି ଅନୁସାରେ କାର୍ଯ୍ୟ କରନ୍ତି, ସେମାନେ ଗୋଷ୍ଠୀର ବିକାଶ ଏବଂ ରୂପାନ୍ତର ସହିତ ନିଜ ଜୀବନଧାରଣର ମାନ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ।

ଟିପ୍ପଣୀ

ଏଣୁ ଗୋଷ୍ଠୀ ପରିଚାଳନା ହେଉଛି ଏକ ସାମର୍ଥ୍ୟ / ଦକ୍ଷତା ବିକାଶ ପ୍ରକ୍ରିୟା, ଯାହାଦ୍ୱାରା ଗୋଷ୍ଠୀର ବ୍ୟକ୍ତି, ଦଳସମୂହ ଏବଂ ଅନୁଷ୍ଠାନ ନିଜର ଉନ୍ନତି ନମନ୍ତେ ବିଭିନ୍ନ କାର୍ଯ୍ୟରୁ ଯୋଜନା କରନ୍ତି, ତାକୁ ସମ୍ପାଦନ କରନ୍ତି ଓ ତା'ର ସମୀକ୍ଷା କରିଥାନ୍ତି । ବିଭିନ୍ନ ନୂତନ ପଦକ୍ଷେପ ଗ୍ରହଣ କରି ତଦନୁଯାୟୀ କାର୍ଯ୍ୟ କରନ୍ତି ।

## ୯.୨.୨ : ଗୋଷ୍ଠୀ ପରିଚାଳନା ଗୁରୁତ୍ୱପୂର୍ଣ୍ଣ କାହିଁକି ?

ବିଭିନ୍ନ କାର୍ଯ୍ୟକ୍ରମ ବା ପଦକ୍ଷେପର ସଫଳତା ପାଇଁ ଗୋଷ୍ଠୀ ପରିଚାଳନା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ବିଭିନ୍ନ ଉପାୟରେ ସାହାଯ୍ୟ କରିଥାଏ ।

(କ) ବିଭିନ୍ନ କାର୍ଯ୍ୟକ୍ରମ / ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଆହ୍ୱାନ ସୃଷ୍ଟି କରିଥାଏ ।

(ଖ) ବିଭିନ୍ନ କାର୍ଯ୍ୟକ୍ରମ / ପଦକ୍ଷେପର ଫଳପ୍ରଦତା ଏବଂ କାର୍ଯ୍ୟ ଦକ୍ଷତା ବୃଦ୍ଧି କରିଥାଏ ।

(ଗ) ପ୍ରତିକ୍ରିୟା ସହିତ ଅତିରିକ୍ତ ସମ୍ବଳ ବିନିଯୋଗ ନିମନ୍ତେ ସହାୟତା ପ୍ରଦାନ କରିଥାଏ ।

(ଘ) ଅତି ଦୁର୍ବଳ ପାଖରେ ପହଞ୍ଚିବାରେ ସାହାଯ୍ୟ କରିଥାଏ ।

(ଙ) ଶିକ୍ଷା ଗ୍ରହଣ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ଯଥା- ଲିଙ୍ଗଗତ ବୈଷ୍ୟମତା, ସଚେତନତାର ଅଭାବ ଇତ୍ୟାଦିକୁ ସାମନା କରିଥାଏ ।

(ଚ) ଗୋଷ୍ଠୀର ମାଲିକାନା ଏବଂ ସ୍ଥାୟିତ୍ୱ ବୃଦ୍ଧି କରିଥାଏ ।

୯.୨.୩: ଗୋଷ୍ଠୀ ପରିଚାଳନା -: ସଂପୃକ୍ତ କାର୍ଯ୍ୟ ଭାର

ବର୍ତ୍ତମାନ ତୁମେମାନେ ଗୋଷ୍ଠୀ ପରିଚାଳନାର ଧାରଣା, ଅର୍ଥ ଏବଂ ଗୁରୁତ୍ୱ ବିଷୟରେ ସମ୍ୟକ୍ ଜ୍ଞାନ ପାଇଛ । ବର୍ତ୍ତମାନ ଆମେ ଗୋଷ୍ଠୀ ପରିଚାଳନା ପ୍ରକ୍ରିୟାରେ କେଉଁ କେଉଁ କାର୍ଯ୍ୟ ଅନ୍ତର୍ଭୂକ୍ତ ତାହା ଜାଣିବା, ନିମ୍ନରେ ଦିଆଯାଇଥିବା ଅନ୍ୟ ଏକ ଦୃଶ୍ୟପଟ୍ଟରୁ ତାହା ବୁଝିବା ।

ଦୃଶ୍ୟପଟ୍ଟ ୨ : ଜଣେ ଶିକ୍ଷକ

ପଞ୍ଚମ ଶ୍ରେଣୀରେ, ଜଣେ ଶିକ୍ଷକ ଶ୍ରେଣୀରେ ଗଣିତ ପରୀକ୍ଷଣ ହେଲେ । ପରୀକ୍ଷା ଫଳାଫଳରୁ ଜଣା ପଡ଼ିଲା ଶ୍ରେଣୀର ଅଧାପିଲା ପରୀକ୍ଷାରେ ପାଶ୍ କଲେ ନାହିଁ । ଯେଉଁ ପିଲାମାନେ ପାଶ୍ କଲେ, ସେଥିମଧରୁ ଅଧିକାଂଶ ବହୁତ୍ କମ୍ ନମ୍ବର ରଖିଲେ । ଶିକ୍ଷକ ବହୁତ ଦୁଃଖିତ ହେଲେ । ସେ ନିଷ୍ପତ୍ତି ନେଲେ ଯେ ଯେପରି ଶ୍ରେଣୀର ସମସ୍ତ ପିଲା ଶିଖିପାରିବେ ସେହିପରି ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବେ । ସେ ସମସ୍ତ ପିଲାଙ୍କ ସହିତ ଯେଉଁମାନେ ଗଣିତରେ କମ୍ ନମ୍ବର ରଖିଥିଲେ ସେମାନଙ୍କର ଗଣିତରେ କରିଥିବା



ପ୍ରଦର୍ଶନ ବିଷୟରେ ଆଲୋଚନା କରିବାକୁ ଚାହିଁଲେ । ତେଣୁ ସେ ଶ୍ରେଣୀରେ ପିଲାମାନଙ୍କୁ ସୂଚନା ଦେଲେ, " ତୁମେମାନେ କିପରି ଗଣିତ ପରୀକ୍ଷାରେ ପ୍ରଦର୍ଶନ କରିଛ ବୋଲି ଭାବୁଛ, ତାହା ଉତ୍ତମ (good), ମଧମ (avrage), ଖରାପ (poor), ଅତି ଖରାପ (very poor) ଏହିଭଳି ଭାବରେ ଶ୍ରେଣୀକରଣ କରି ନିଜ ନିଜ ଖାତାରେ ଲେଖ ଓ କାହିଁକି ଏପରି ହେଲା" ତା'ର କାରଣ ଲେଖ । ତେଣୁ



ଟିପ୍ପଣୀ

ଛାତ୍ରଛାତ୍ରୀମାନେ ନିଜନିଜର ପ୍ରଦର୍ଶନଙ୍କୁ ନିଜ ଖାତାରେ କାରଣ ସହିତ ଲେଖିଲେ । ଛାତ୍ରଛାତ୍ରୀ ଲେଖିଥିବା କାରଣଗୁଡ଼ିକ ମଧ୍ୟରୁ କେତେକ ହେଉଛି - "ବନ୍ଧୁବାନ୍ଧବଙ୍କ ବାହାଘରରେ ସମୟ ଅତିବାହିତ କରିବା, ଅସୁସ୍ଥତା, ବିଷୟଟି କଠିନ ଥିଲା, ଶ୍ରେଣୀରେ ଅନୁପସ୍ଥିତ ଏବଂ ଅନ୍ୟାନ୍ୟ ଆଉ କେତେକ କାରଣ ଏଥିପାଇଁ ଦାୟୀ ଅଟେ । ଏହି ସମସ୍ୟାଗୁଡ଼ିକୁ ଶିକ୍ଷକ ଦଳଗତ ବା ବ୍ୟକ୍ତିଗତ ଭାବେ ପିଲାମାନଙ୍କ ସହିତ ଆଲୋଚନା କଲେ । ଅତ୍ୟନ୍ତ ନିମ୍ନ ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀଙ୍କର ସମସ୍ୟାକୁ ଶିକ୍ଷକ ଅନ୍ୟ ଶିକ୍ଷକଙ୍କ ସହ ଆଲୋଚନା କଲେ ।"



ଶିକ୍ଷକ ଛାତ୍ରଛାତ୍ରୀମାନଙ୍କର ଏହି ସମସ୍ୟାକୁ ଗମ୍ଭୀର ଭାବେ ଚିନ୍ତାକଲେ ଏବଂ ସୁଯୋଗ ଅନୁଯାୟୀ ଶିକ୍ଷକ ସେହି ପିଲାମାନଙ୍କର ପିତାମାତାଙ୍କ ସହିତ ଏହି ସମସ୍ୟା ବିଷୟରେ ଆଲୋଚନା କଲେ । ଶ୍ରେଣୀରେ ଶିକ୍ଷକ ଭଲ ପ୍ରଦର୍ଶନ କରିଥିବା ଓ ଖରାପ ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀଙ୍କୁ ନେଇ ଶିକ୍ଷଣ ସାଥୀ (Study buddies) ଗଠନ କଲେ । ଯେହେତୁ ଅଧିକାଂଶ ଶିକ୍ଷାର୍ଥୀ ନୂତନ କରି ବିଦ୍ୟାଳୟକୁ ଆସିଛନ୍ତି ଓ ସେମାନଙ୍କର ପିତାମାତା ଶିକ୍ଷିତ ନୁହଁନ୍ତି ଓ ସେମାନଙ୍କୁ ଶିକ୍ଷଣ ନିମନ୍ତେ କୌଣସି ସହାୟତା ମିଳେ ନାହିଁ, ସେହି ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷକ କିଛି ଉଚ୍ଚ ଶ୍ରେଣୀରେ ପଢୁଥିବା ପିଲାମାନଙ୍କର ସହାୟତା ନେଲେ । ଯେଉଁ ପିଲାମାନେ ଦୁର୍ବଳଥିଲେ ସେହିପିଲାଙ୍କ ଘରନିକଟରେ ଥିବା ସେହି ଉଚ୍ଚ ଶ୍ରେଣୀର ପିଲାଙ୍କୁ ସେମାନଙ୍କ ଶିକ୍ଷଣରେ ସହାୟତା ଦେବା ନିମନ୍ତେ ସ୍ଥିର କଲେ । ତା'ପରେ ପରବର୍ତ୍ତି ପରୀକ୍ଷାର ସମୟ ଆସିଲା । ତୁମେ କ'ଣ ଭାବୁଛ ? ପରୀକ୍ଷାରେ ଛାତ୍ରଛାତ୍ରୀମାନଙ୍କର ପ୍ରଦର୍ଶନର ସନ୍ତୋଷଜନକ ହୋଇଥିବ । ଶିକ୍ଷକଙ୍କର ଏହି ଯୋଜନା ଓ ଚେଷ୍ଟା ଶିକ୍ଷାର୍ଥୀଙ୍କ ପ୍ରଦର୍ଶନରେ ସହାୟକ ହୋଇଥିବ । ଶିକ୍ଷକ ଶ୍ରେଣୀରେ ପଢ଼ାଉଥିବା ସମସ୍ତ ବିଷୟ ପାଇଁ ଏ ବ୍ୟବସ୍ଥା କରିନଥିଲେ । ସେ ଏହି ଉପାୟକୁ ତାଙ୍କର ଅନ୍ୟସାଥୀ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ, କେତେକ ଉତ୍ସାହିତ ହୋଇ ଏହାକୁ ପ୍ରୟୋଗ କରିଥିଲେ । ପରବର୍ତ୍ତି ପର୍ଯ୍ୟାୟରେ ଏହା ସଫଳ ହୋଇଥିଲା ଏବଂ ଶିକ୍ଷକମାନେ ଏହାକୁ ଅଧକ୍ଷଙ୍କ ଦୃଷ୍ଟିକୁ ଆଣିଲେ । ବିଦ୍ୟାଳୟରେ ଏହି ବ୍ୟବସ୍ଥାଗୁଡ଼ିକୁ ଯଥା- "ଉତ୍ତମ ପଠନ ସାଥି, ଉତ୍ତମ ଏବଂ ଅଧିକ ସହଯୋଗୀ ବରିଷ୍ଠ ଦଳ", "ଅଧିକ ସହଯୋଗୀ ଏବଂ ଗ୍ରହଣୀୟ ପିତାମାତା" ଇତ୍ୟାଦି ପ୍ରଚଳନ କଲେ ଓ ଏହାର ପ୍ରୟୋଗ କଲେ । ପ୍ରତ୍ୟେକ ସପ୍ତାହରେ, ସଭା ମାଧ୍ୟମରେ ଏହି ଦଳ/ବ୍ୟକ୍ତିମାନଙ୍କୁ ବିଭିନ୍ନ ପୁରସ୍କାର ମାଧ୍ୟମରେ ଉତ୍ସାହିତ କରାଗଲା । ଏହି ଉପାୟ ପ୍ରତ୍ୟେକ ଶ୍ରେଣୀ ପାଇଁ ପ୍ରୟୋଗ କରାଗଲା ।





ଉପରୋକ୍ତ ଦୃଶ୍ୟ ପଙ୍କ୍ତରୁ, ଏହା ଜଣାଗଲା ଯେ ଏହି ପ୍ରକାରର ଗୋଷ୍ଠୀର ଅଂଶଗ୍ରହଣ ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ଆଶାନୁରୂପ ଉନ୍ନତି ଆଣିପାରିଲା । ବର୍ତ୍ତମାନ ଆମେ ଗୋଷ୍ଠୀ ଦ୍ୱାରା ସଂପନ୍ନ ହେଉଥିବା ମୁଖ୍ୟ କାର୍ଯ୍ୟଗୁଡ଼ିକୁ ଉପରୋକ୍ତ ଦୃଶ୍ୟପଙ୍କ୍ତରୁ ଆଲୋଚନା କରିବା ।

ଟିପ୍ପଣୀ

| | |
|---|---|
| ଗୋଷ୍ଠୀ ପରିଚାଳନାରେ ସଂପୃକ୍ତଥିବା କରିବା ମୁଖ୍ୟକାର୍ଯ୍ୟ | ଉପରୋକ୍ତ ଦୃଶ୍ୟପଟ୍ଟରେ ଶିକ୍ଷକ ଗ୍ରହଣ କରିଥିବା କାର୍ଯ୍ୟ ସମୂହ |
| ନିଜ ଗୋଷ୍ଠୀରେ ଥିବା ବିଭିନ୍ନ ସମସ୍ୟାକୁ ଚିହ୍ନଟ କରିବା | ଉପରୋକ୍ତ ଦୃଶ୍ୟପଟ୍ଟରୁ ଶିକ୍ଷକ ସମସ୍ୟାଟିକୁ ଚିହ୍ନଟ କରିବା<br>"ଶିକ୍ଷାର୍ଥୀଙ୍କର ଗଣିତ ପରୀକ୍ଷଣରେ ଖରାପ ପ୍ରଦର୍ଶନ" ।<br>ଶିକ୍ଷକ ସମସ୍ୟାଟିକୁ ଚିହ୍ନଟ କରି ଏବଂ ଗୋଷ୍ଠୀର ବିଭିନ୍ନ ସଦସ୍ୟଙ୍କ ସହିତ ଆଲୋଚନା କରିବା;<br>ଛାତ୍ରଛାତ୍ରୀ : (ବିଭିନ୍ନ ସ୍ତରରେ ଶିକ୍ଷାର୍ଥୀ, ଉଚ୍ଚ ଶ୍ରେଣୀ ଶିକ୍ଷାର୍ଥୀ ଶିକ୍ଷକ, ସାଥୀ ଶିକ୍ଷକ, ବରିଷ୍ଠ ଶିକ୍ଷକ, ପିତାମାତା, ଅଧ୍ୟକ୍ଷ) |
| ଗୋଷ୍ଠୀରେ ମିଳୁଥିବା ସମ୍ବଳ ସମୂହ | ଉପରୋକ୍ତ ଦୃଶ୍ୟପଟ୍ଟରୁ ଶିକ୍ଷକ ବିଭିନ୍ନ ସମ୍ବଳଗୁଡ଼ିକୁ ଚିହ୍ନଟ କଲେ ।<br>ଛାତ୍ରଛାତ୍ରୀ :<br>♦ ଉତ୍ତମ ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀଙ୍କୁ ଚିହ୍ନିତ କରାଗଲା ଏବଂ ସେମାନଙ୍କୁ ସେମାନଙ୍କର ସାଥୀମାନଙ୍କ ଶିକ୍ଷଣରେ ସହାୟତା ନିମନ୍ତେ ନିୟୋଜିତ କରାଗଲା ।<br>♦ ସାଙ୍ଗସାଥୀମାନଙ୍କୁ ସମ୍ବଳଭାବେ ଦୁର୍ବଳ ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ସହାୟତା ନିଆଗଲା ।<br>♦ ଘରେ ଦୁର୍ବଳ ଶିକ୍ଷାର୍ଥୀଙ୍କୁ ସହାୟତା ପ୍ରଦାନ ନିମନ୍ତେ ନିକଟରେ ଥିବା ବରିଷ୍ଠ ଶିକ୍ଷାର୍ଥୀଙ୍କ ସହାୟତା ନିଆଗଲା ।<br>ଶିକ୍ଷକ :<br>ବରିଷ୍ଠ ଶିକ୍ଷକମାନେ ସମ୍ବଳଭାବେ ଚିହ୍ନିତ ହେଲେ ଏବଂ ଯୋଜନା କରାଯାଇଥିବା ଉପାୟ ବିଷୟରେ ଆଲୋଚନା କରାଗଲା ।<br>♦ ଅନ୍ୟାନ୍ୟ ବିଷୟ ଶିକ୍ଷକଙ୍କୁ ସମ୍ବଳ ଭାବେ ବିନିଯୋଗ କରାଯାଇ ଦୁର୍ବଳ ଶିକ୍ଷାର୍ଥୀଙ୍କୁ ସହାୟତା ପ୍ରଦାନ । |

ଟିପ୍ପଣୀ

| | |
|---|---|
| | ପିତାମାତା : |
| | ଗ୍ରହଣଶୀଳ ଏବଂ ସକ୍ରିୟ ପିତାମାତାଙ୍କୁ ସମ୍ବଳଭାବେ ବିନିଯୋଗ କରାଯାଇ ସେମାନଙ୍କୁ ଆଦର୍ଶ ପିତାମାତା ଭାବେ ଅନ୍ୟ ଶିକ୍ଷାର୍ଥୀଙ୍କୁ (ପ୍ରଥମ ପିଢୀର ଶିକ୍ଷାର୍ଥୀ ଓ ଘରେ କୌଣସି ପାଖି ସହାୟତା ପାଆନ୍ତି ନାହିଁ) ସହାୟତା ପ୍ରଦାନ । |
| | ବରିଷ୍ଠ : |
| | ଅଧକ୍ଷ ଫଳପ୍ରଦ ଉପାୟକୁ ବିଦ୍ୟାଳୟରେ ପ୍ରୟୋଗ ନିମନ୍ତେ ଅନୁମତି ପ୍ରଦାନ ଓ ଆବଶ୍ୟକୀୟ ସହାୟତା ପ୍ରଦାନ ଓ ଶିକ୍ଷକମାନଙ୍କୁ ଉତ୍ସାହିତ କରିବା । |
| ଗୋଷ୍ଠୀ ସଦସ୍ୟଙ୍କ ସହିତ କଥୋପକଥନ ମାଧ୍ୟମରେ ଗୋଷ୍ଠୀ ସଂଗଠନଗୁଡିକୁ ଶକ୍ତିଶାଳୀ କରିବା (କମିଟି) | ବିଭିନ୍ନ ସମୟରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ପିତାମାତାଙ୍କ ସହିତ ଆଲୋଚନା କରିବା, ପଠନ-ସାଥୀ ଗଠନ, ନିକଟବର୍ତ୍ତି ଅଞ୍ଚଳରେ ଥିବା ବରିଷ୍ଠ ଛାତ୍ରଛାତ୍ରୀଙ୍କ ସହିତ ସଂପର୍କ ସ୍ଥାପନ ଓ ଦାୟିତ୍ୱ ନ୍ୟସ୍ତ କରିବା, ଅନ୍ୟ ବିଷୟରେ ବିଭିନ୍ନ ଉପାୟ ପ୍ରୟୋଗ ଏବଂ ସୁସ୍ଥ ପରିବେଶ ଓ ବାତାବରଣ ସୃଷ୍ଟି କରିବା । |
| ବ୍ୟକ୍ତି ନିଜର ତଥା ଗୋଷ୍ଠୀର ଆବଶ୍ୟକତା ପୂରଣ ନିମନ୍ତେ ସୁସ୍ଥ ବାତାବରଣ ସୃଷ୍ଟି କରିବା:- | ଶିକ୍ଷକଙ୍କ କୌଶଳ - ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ନିଜନିଜର ଦକ୍ଷତା/ପ୍ରଦର୍ଶନକୁ ଶ୍ରେଣୀକରଣ କରିବା ଓ ତା'ର କାରଣ ଦର୍ଶାଇବା । ଅନ୍ୟ ଶିକ୍ଷକଙ୍କ ସହିତ ଆଲୋଚନାପୂର୍ବକ ନିମ୍ନ ଶିକ୍ଷଣ ସ୍ତରରେ ଥିବା ଶିକ୍ଷାର୍ଥୀଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ସୁଯୋଗ ସୃଷ୍ଟି କରିବା । |
| ଗୋଷ୍ଠୀ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା:- | ଗୋଷ୍ଠୀ ସମ୍ବଳ ଚିହ୍ନଟ ଏବଂ ଗୋଷ୍ଠୀର ସଦସ୍ୟମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରି ବିଭିନ୍ନ ସମସ୍ୟା ସମାଧାନ କରିବା ନିମନ୍ତେ ଉତ୍ସାହିତ କରିବା । |
| ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଭାଗିଦାରୀ ଭାବେ କାର୍ଯ୍ୟ କରିବା:- | ଛାତ୍ରଛାତ୍ରୀ, ଶିକ୍ଷକମାନଙ୍କ ସହିତ ଆଲୋଚନା, ବିଭିନ୍ନ ସମସ୍ୟାକୁ ଚିହ୍ନଟ ଓ ମନନ ଏବଂ ସମାଧାନ ପାଇଁ ବିଭିନ୍ନ ଉପାୟ ସ୍ଥିର କରିବା ଓ ସମାଧାନର ପନ୍ଥା ଖୋଜିବା, ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ମିଶି କାର୍ଯ୍ୟ କରିବା ଓ ସଫଳତା ପାଇବା । |

ଟିପ୍ପଣୀ

| | |
|---|---|
| ସୁହନଶୀଳ ସମ୍ଭାବ୍ୟ ଗୋଷ୍ଠୀର ଚିହ୍ନଟ ଓ ସହାୟତା - ବିଭିନ୍ନ କୌଶଳ ଓ ପନ୍ଥାର ବିକାଶ ଗୋଷ୍ଠୀକୁ ବାହ୍ୟ ସମ୍ବଳ ସହିତ ସଂପର୍କିତ କରିବାରେ ସାହାଯ୍ୟ କରିବ । | ଉତ୍ତମ 'ପଠନ-ସାଥୀ', 'ବରିଷ୍ଠ ସହାୟତାକାରୀ ଛାତ୍ର' ଓ ପିତାମାତାଙ୍କୁ ଉତ୍ସାହିତ କରିବା ଏବଂ ଅନ୍ୟମାନଙ୍କୁ ଶିକ୍ଷଣ ସହାୟତା ପ୍ରଦାନ ନିମନ୍ତେ ଉତ୍ସାହିତ କରିବା, ଜଣେ ଶିକ୍ଷକ ନିୟମିତ ବିଦ୍ୟାଳୟ ବ୍ୟବସ୍ଥାରେ, ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କ ସହିତ ନିୟମିତ ଭାବେ ଯୋଗାଯୋଗ ରଖିବା ଏବଂ ଶିକ୍ଷାର୍ଥୀଙ୍କ ଶିକ୍ଷଣ ପ୍ରତି ସେମାନଙ୍କର ସହାୟତା ନେବା ଆବଶ୍ୟକ । ବିଦ୍ୟାଳୟ ବାହାରେ ପିତାମାତା ଏବଂ ବିଦ୍ୟାଳୟ ଭିତରେ ଛାତ୍ର ଗୋଷ୍ଠୀଙ୍କ ମଧରେ ସୁସଂପର୍କ ସ୍ଥାପନ ଗୋଷ୍ଠୀ ପରିଚାଳନାର ଏକ ମୁଖ୍ୟ ଦିଗ କହିଲେ ଅତ୍ୟୁକ୍ତି ହେବ ନାହିଁ । |
| ଗୋଷ୍ଠୀ ସେମାନଙ୍କ ସହ ଥିବା ବା ଏକ ଅଂଶୀଦାର ସହିତ ବୈଠକ କରିବାରେ ଅଧିକ ସମୟ ଅତିବାହିତ କରିବା । | ଜଣେ ଶିକ୍ଷକ ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ଦାୟିତ୍ୱରେ ବାନ୍ଧି ହୋଇଥାନ୍ତି ଓ ଆମ ବିଦ୍ୟାଳୟର ଶିକ୍ଷକମାନେ ଉପରୋକ୍ତ ବିଭିନ୍ନ ଦାୟିତ୍ୱରେ ବାନ୍ଧି ହୋଇଥିଲେ ମଧ ବିଭିନ୍ନ କାର୍ଯ୍ୟରେ ସେ ସମଯୋଜନ କରିଥାନ୍ତି । |
| ସମସ୍ତ ହିତାଧିକାରୀଙ୍କୁ ନିୟୋଜିତ କରିବା:- | ବିଦ୍ୟାଳୟର ଏକ ସାଧାରଣ ଲକ୍ଷ୍ୟ/ ଉଦ୍ଦେଶ୍ୟ ପୂରଣ ଦିଗରେ ଯେକୌଣସି ଗୋଷ୍ଠୀର ଅଂଶଗ୍ରହଣ ଏବଂ ଉପଲବ୍ଧ ସମ୍ବଳର ବିନିଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ଉପରୋକ୍ତ ଦୃଶ୍ୟପଟ୍ଟରେ ସମସ୍ତ ହିତାଧିକାରୀ (ଛାତ୍ରଛାତ୍ରୀ, ଶିକ୍ଷକ, ବରିଷ୍ଠ ଶିକ୍ଷକ, ଗୋଷ୍ଠୀ, ଅଧକ୍ଷ ଓ ପିତାମାତା)ଙ୍କର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ ଏବଂ ଏମାନଙ୍କୁ ସମ୍ବଳ ଭାବେ ବିନିଯୋଗ କରି ଏହି ପ୍ରକ୍ରିୟାରେ କ୍ରମାଗତ ନିୟୋଜିତ କରି ରଖିବା । |

ବି.ଦ୍ର.: ଦୃଶ୍ୟପଟ୍ଟ-୨ "ଜଣେ ସଂପୃକ୍ତ ଶିକ୍ଷକ"ରେ ଗୋଷ୍ଠୀ ପରିଚାଳନାର ଏକ ନିର୍ଦ୍ଦିଷ୍ଟ ଦିଗର ବିଭିନ୍ନ କାର୍ଯ୍ୟ ବିଷୟରେ ଉଲ୍ଲେଖ କରାଯାଇଛି । ଏହି ଏକକର ଅନ୍ୟ ବିଭାଗର ପରବର୍ତ୍ତି ପର୍ଯ୍ୟାୟରେ ଗୋଷ୍ଠୀ ପରିଚାଳନା ବିଷୟରେ ସବିଶେଷ ବୀବରଣୀ ଦିଆଯାଇଛି । ତୁମେମାନେ ଏହି ସବୁ ପରବର୍ତ୍ତି ପର୍ଯ୍ୟାୟରେ ପଢ଼ିବ ଏବଂ ବିଭିନ୍ନ କାର୍ଯ୍ୟଧାରାକୁ ଚିହ୍ନଟ କରିପାରିବ ।

ବର୍ତ୍ତମାନ ତୁମେ ବିଭିନ୍ନ ଗୋଷ୍ଠୀ ପରିଚାଳନାର କାର୍ଯ୍ୟଧାରା ବିଷୟରେ ପଢ଼ିଲ, ଏବେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦିଅ ।

**ନିଜ ଅଗ୍ରଗତି ଆକଳନ -୧**

୧. ତୁମ ମତରେ ଯଦି ଏହିଭଳି ପରିସ୍ଥିତି ତୁମ ବିଦ୍ୟାଳୟରେ ଘଟେ ତୁମେ କ'ଣ କରିବ ବୋଲି ଭାବୁଛ ?

୨. ଯଦି ଶିକ୍ଷକ କୌଣସି ପଦକ୍ଷେପ ନ ନିଅନ୍ତି ତେବେ କେଉଁ ପ୍ରକାରର ପରିସ୍ଥିତି ସୃଷ୍ଟି ହେବ ବୋଲି ତୁମେ ଭାବୁଛ ?

୩. ଜଣେ ଶିକ୍ଷକଙ୍କ ପକ୍ଷେ ଅନ୍ୟ କୌଣସି ଛାତ୍ରଛାତ୍ରୀ ଶିକ୍ଷକ ଓ ପିତାମାତାଙ୍କ ବିନା ସହାୟତାରେ ବ୍ୟକ୍ତିଗତ ସହାୟତା ପ୍ରଦାନ ଶିକ୍ଷଣ ଫଳାଫଳ ଅଭିବୃଦ୍ଧି ପାଇଁ କେବଳ ଏକ ମାତ୍ର କୌଶଳ ଭାବେ ସମ୍ଭବ ହେବ ବୋଲି ତୁମେ ଭାବୁଛ କି ?

## ୯.୨.୪: ଗୋଷ୍ଠୀ ପରିଚାଳକ :ଭୂମିକା ଓ କୌଶଳ ସମୂହ

ଉପରୋକ୍ତ ବିଭାଗରେ ଆମେ ଗୋଷ୍ଠୀ ପରିଚାଳନାର ବିଭିନ୍ନ ପ୍ରକ୍ରିୟା ଏବଂ ବିଭିନ୍ନ କାର୍ଯ୍ୟ ସଂପାଦନ ବିଷୟରେ ଜାଣିଲୁ । ବର୍ତ୍ତମାନ ଆମେ ବିଭିନ୍ନ ଗୋଷ୍ଠୀ ପରିଚାଳନା ବିଷୟରେ ଆଲୋଚନା କରିବା ।

ପରିଚାଳକ ହେଉଛନ୍ତି ଜଣେ ବ୍ୟକ୍ତି ଯିଏ ଗୋଷ୍ଠୀ ପରିଚାଳନା କରନ୍ତି ଅର୍ଥାତ୍ ବିଭିନ୍ନ କାର୍ଯ୍ୟକୁ ସମ୍ପାଦନ କରନ୍ତି । ସେ ଜଣେ ଉତ୍ପ୍ରେରକ ଯିଏକି ଗୋଷ୍ଠୀର ସାଧାରଣ ଲକ୍ଷ୍ୟ ପୂରଣ ପାଇଁ ସୁସ୍ଥ ବାତାବରଣ/ପରିବେଶ ସୃଷ୍ଟି କରନ୍ତି ।

(କ) ଲୋକମାନଙ୍କୁ ଏକତ୍ରୀତ କରିବା,

(ଖ) ବିଶ୍ୱାସ ସୃଷ୍ଟି କରିବା

(ଗ) ଅଂଶ ଗ୍ରହଣକୁ ଉତ୍ସାହିତ କରିବା

(ଘ) ଆଲୋଚନା ଓ ନିଷ୍ପତ୍ତି ଗ୍ରହଣକୁ ତ୍ୱରାନ୍ୱିତ କରିବା

(ଙ) କାର୍ଯ୍ୟକୁ ସୂଚାରୁ ରୂପେ ଆଗେଇ ନେବା ପାଇଁ ସହାୟତା ପ୍ରଦାନ କରିବା

(ଚ) ଗୋଷ୍ଠୀ ପରିଚାଳନା ପ୍ରକ୍ରିୟାକୁ ସୁଗମ କରିବା

ଚିତ୍ର ୧-

ଜଣେ ଗୋଷ୍ଠୀ ପରିଚାଳକଙ୍କ ନିକଟରେ ନିମ୍ନଲିଖିତ ମନୋଭାବ, ଦକ୍ଷତା ଓ ଜ୍ଞାନ ରହିବା ଆବଶ୍ୟକ ।

ମନୋଭାବ -

- ପରିସ୍ଥିତିକୁ ନିରୀକ୍ଷଣ କରିବା ନିମନ୍ତେ ଇଛା
- ସମସ୍ତ ଗୋଷ୍ଠୀ ସଦସ୍ୟଙ୍କଙ୍କ ସମ୍ମାନ
- ବିଚାରଶୀଳ ଓ ଗ୍ରହଣୀୟ ପନ୍ଥା ଅବଲମ୍ବନ କରିବା
- ଗୋଷ୍ଠୀର ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବା
- ଫଳପ୍ରଦ କାର୍ଯ୍ୟ ପାଇଁ ଗୋଷ୍ଠୀର ଦକ୍ଷତା ଉପରେ ବିଶ୍ୱାସ ସ୍ଥାପନ କରିବା

ଦକ୍ଷତା/କୌଶଳ -

ଉତ୍ତମ ଭାବ ବିନିମୟ କୌଶଳ, ବିଶେଷତଃ ଅନ୍ୟକୁ ଶୁଣିବା

ବିଭିନ୍ନ କାର୍ଯ୍ୟଧାରାକୁ ବିଶ୍ଳେଷଣ କରିବା ଓ ସମସ୍ୟା ସମାଧାନ ନିମନ୍ତେ ଗୋଷ୍ଠୀକୁ ସକ୍ଷମ କରାଇବା ନିମନ୍ତେ ସହାୟତା ପ୍ରଦାନ କରିବା

ଗୋଷ୍ଠୀ ସଦସ୍ୟମାନଙ୍କଦ୍ୱାରା ନିଷ୍ପତ୍ତି ଗ୍ରହଣ ଯୋଜନାରେ ସମସ୍ତ ସଦସ୍ୟଙ୍କର ଅଂଶ ଗ୍ରହଣକୁ ସୁନିଶ୍ଚିତ କରାଇବା କୌଶଳ ।

ଜ୍ଞାନ -

ଗୋଷ୍ଠୀ ପରିଚାଳନା ପ୍ରକ୍ରିୟାର ଜ୍ଞାନ ଏବଂ ଏହାର ନୀତି ବିଷୟରେ ସବିଶେଷ ଧାରଣା ରହିବା ଆବଶ୍ୟକ ।

ଗୋଷ୍ଠୀର ନୀତି ଏବଂ ସଂବେଦନଶୀଳତାକୁ ବୁଝିବା ।

ଚିତ୍ର ୧ : ମନୋଭାବ, କୌଶଳ ଏବଂ ଜ୍ଞାନ ଜଣେ ପରିଚାଳକ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଏଣୁ ଗୋଷ୍ଠୀ ପରିଚାଳକ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କର ଅଂଶଗ୍ରହଣକୁ ଅଭିବୃଦ୍ଧି କରିବା, ସାଧାରଣ ଲକ୍ଷ୍ୟ ପୂରଣ ଦିଗରେ ଉପଲବ୍ଧ ସମ୍ବଳକୁ ସୁନିଶ୍ଚିତ କରିବା । ବର୍ତ୍ତମାନ ଆମେ ଗୋଷ୍ଠୀ ପରିଚାଳକ କ'ଣ କରିବା ଉଚିତ୍ ଏବଂ କେଉଁ କେଉଁ ଗୁଣ ରହିବା ଆବଶ୍ୟକ ତାହା ଚିହ୍ନଟ କଲେ । ଆସ ଯୋଗାଯୋଗ ପ୍ରକ୍ରିୟା ଏବଂ ଉତ୍ତମ ଯୋଗାଯୋଗ କୌଶଳ ବିଷୟରେ ନିମ୍ନରେ ଦିଆଯାଇଥିବା ବାକ୍ସ- ୧ରେ ପଢ଼ିବା ।

ବାକ୍ସ - ୧ : ଯୋଗାଯୋଗ କୌଶଳ ଗୋଷ୍ଠୀ ପରିଚାଳକ ପାଇଁ ଅତି ନିର୍ଣ୍ଣାୟକ ଅଟେ ।

ଯୋଗାଯୋଗ କ'ଣ ?

♦ ଯୋଗାଯୋଗ କହିଲେ ମନର ଭାବ, ଧାରଣା, ତଥ୍ୟ, ମତାମତ, ସୂଚନା ଓ ବୁଝାମଣାକୁ ଅନ୍ୟଠାରେ ପ୍ରକାଶ କରିବା/ ଆଦାନ ପ୍ରଦାନ କରିବା ।

♦ ଯେତେବେଳେ ଖବର/ସମ୍ବାଦ ପ୍ରେରଣ ହୁଏ ଏବଂ ଗ୍ରାହକ ଦ୍ୱାରା ଗୃହୀତ ହୁଏ, ସେହି ସମାନ ଭାବଧାରାରେ ଯେପରି ପ୍ରେରକ ଜଣାଇବାକୁ ଚାହୁଁଥିଲେ, ସେତେବେଳେ ଫଳପ୍ରଦ ଯୋଗାଯୋଗ ଘଟିଥାଏ.

ଯୋଗାଯୋଗ ପ୍ରକ୍ରିୟା :

♦ ଯୋଗାଯୋଗ ପ୍ରକ୍ରିୟା ସେତେବେଳେ ଅର୍ଥପୂର୍ଣ୍ଣ ଏବଂ ସଂପୂର୍ଣ୍ଣ ହୁଏ ଯେତେବେଳେ ପ୍ରେରକ ଦ୍ୱାରା ପ୍ରେରିତ ହୋଇଥିବା ଖବର/ସମ୍ବାଦଟି ଗ୍ରାହକ ବୁଝିପାରେ ଏବଂ ଗ୍ରାହକ ଉକ୍ତ ସମ୍ବାଦଟିକୁ ପ୍ରତ୍ୟୁତ୍ତର ଦେଇଥାଏ ।

♦ ଯୋଗାଯୋଗ ପ୍ରକ୍ରିୟାର ଉପାଦାନଗୁଡ଼ିକ ହେଉଛି- ପ୍ରେରକ, ଗ୍ରାହକ, ସମ୍ବାଦ/ଖବର, ପ୍ରଣାଳୀ ଓ ମାଧ୍ୟମ, ପ୍ରତିପୁଷ୍ଟି ଏବଂ କୋଳାହଳ ।

(କ) ଯୋଗାଯୋଗ ପ୍ରକ୍ରିୟା 'ପ୍ରେରକ'ଠାରୁ ଆରମ୍ଭ ହୋଇଥାଏ । ପ୍ରେରକ ହେଉଛନ୍ତି ଜଣେ ବ୍ୟକ୍ତି ଯିଏ କି ଗ୍ରାହକ ନିକଟକୁ ସମ୍ବାଦ/ଖବର ପଠାଇଥାଏ । ଖବର ପଠାଇବା ପୂର୍ବରୁ, ପ୍ରେରକ ଗ୍ରହଣକାରୀ



ଟିପ୍ପଣୀ

ବ୍ୟକ୍ତିଙ୍କ ଦୃଷ୍ଟିକୁ/ ବିଚାରକୁ ନେଇ ଖବର ପଠାଇବା ଉଚିତ୍ ।

(ଖ) ଗ୍ରାହକ/ଗ୍ରହଣକାରୀ ଜଣେ ବ୍ୟକ୍ତି/ଦଳ ସମୂହ ଯାହା ପାଇଁ ଯୋଗାଯୋଗ ପ୍ରକ୍ରିୟା ଉଦ୍ଦିଷ୍ଟ ହୋଇଥାଏ ।

(ଗ) 'ପ୍ରଣାଳୀ' ହେଉଛି ଏକ ଉପାୟ ଯାହ ମାଧ୍ୟମରେ ଖବରଟି ପଠାଯାଏ ।

(ଘ) 'ପ୍ରତିଦୃଷ୍ଟି' ହେଉଛି ଗ୍ରହଣକାରୀ । ଗ୍ରାହକଙ୍କ ପ୍ରତିକ୍ରିୟା ଯାହାକି ଗ୍ରାହକ ସମ୍ବାଦଟିକୁ ଗ୍ରହଣ କରିବା ପରେ ପ୍ରତ୍ୟୁତ୍ତର ଦେଇଥାଏ ।

(ଙ) 'କୋଳାହଳ' ସମ୍ବାଦ ପ୍ରେରଣରେ ଓ ଗ୍ରହଣରେ ବାଧା ସୃଷ୍ଟି କରିଥାଏ । ଯାହାଫଳରେ ଯୋଗାଯୋଗ ପ୍ରକ୍ରିୟା ବ୍ୟାହତ ହୁଏ । କୋଳାହଳ 'ଭୌତିକ' ହୋଇପାରେ (ଉ.ସ୍ୱ -ଶିଳ୍ପକ୍ଷେତ୍ର/ନିର୍ମାଣ କାର୍ଯ୍ୟ/ଯାନବାହାନରୁ ସୃଷ୍ଟି ହେଉଥିବା ଶବ୍ଦ ଇତ୍ୟାଦି), 'ମନସ୍ତାତ୍ତ୍ୱିକ'(ଏହା ସାଧାରଣରତଃ ଶ୍ରୋତାର ମାନସିକତା ଉପରେ ନିର୍ଭର କରିଥାଏ, ଯଦି ଶ୍ରୋତା ଜଣଙ୍କ ଅନ୍ୟମନସ୍କ/ବିଚଳିତ ହୁଅନ୍ତି, ତେବେ ସେ ବକ୍ତାର କଥାକୁ କେନ୍ଦ୍ରିତ କରିପାରିନଥାନ୍ତି, ଯାହା ଫଳରେ ଯୋଗାଯୋଗ/ଭାବ ବିନିମୟ ପ୍ରକ୍ରିୟାଟି ବ୍ୟାହତ ହୁଏ), ଶରୀର ସମ୍ବନ୍ଧୀୟ (ଯେତେବେଳେ ଶ୍ରୋତା/ବକ୍ତାଙ୍କର ଶାରୀରିକ ସମସ୍ୟା ଯୋଗୁଁ ଫଳପ୍ରଦ ଯୋଗାଯୋଗ ହୋଇପାରିନଥାଏ । ଉ.ସ୍ୱ-ଶ୍ରବଣ ଜନିତ, ବାକ୍ ଜନିତ ସମସ୍ୟା) କିମ୍ବା ଅର୍ଥ ବିଜ୍ଞାନ (ଯେତେବେଳେ ବକ୍ତାର ବାକ୍ୟକୁ/ ଭାଷାକୁ ଶ୍ରୋତା ବୁଝିବାରେ ଅସମର୍ଥ ହୁଏ, ସେତେବେଳେ ଭାବ ବିନିମୟ ପ୍ରକ୍ରିୟାକୁ ବ୍ୟାହତ ହୁଏ ।

ଯୋଗାଯୋଗ **ପ୍ରକ୍ରିୟାରେ ଶ୍ରବଣର ଗୁରୁତ୍ୱ :**

♦ ସକ୍ରିୟ ଶ୍ରବଣ କହିଲେ ବକ୍ତାକହୁଥିବା କଥାକୁ/ବକ୍ତାର ଚିନ୍ତା, ଧାରଣା, ଭାବ ଓ ଆବଶ୍ୟକତାକୁ ବୁଝିବା ଓ ତଦନୁରୂପେ ପ୍ରତିକ୍ରିୟା ପ୍ରକାଶ କରିଥାଏ ।

♦ ଶିକ୍ଷଣରେ ମୁଖ୍ୟ ଅଙ୍ଗ ଆମର ଶ୍ରବଣ ଦକ୍ଷତା ଉପରେ ନିର୍ଭର କରିଥାଏ ।

♦ ଶ୍ରବଣ ପ୍ରତ୍ୟେକ ବ୍ୟକ୍ତିଙ୍କର ଧାରଣା, ଚିନ୍ତାଧାରା ଓ ଭାବନାକୁ ମନଯୋଗ ସହକାରେ ଶୁଣୁ, ତେବେ ଆମେ ଅନ୍ୟକୁ ପରାମର୍ଶ ଦେବା ନିମନ୍ତେ ସକ୍ଷମ ହେବୁ ଏବଂ ତାହା ବ୍ୟକ୍ତି ଦ୍ୱାରା ଅଧିକ ଗ୍ରହଣୀୟ ହେବ ।

ପୂର୍ବ ଅଧ୍ୟାୟରେ ତୁମେ ଗୋଷ୍ଠୀ ପ୍ରସ୍ତୁତିକରଣର ମୁଖ୍ୟ ବିଶେଷତ୍ୱ ବିଷୟରେ ପରିଚିତ ହୋଇଛ । ତୁମେ ଜାଣିଥିବା ଏହି ବିଶେଷତ୍ୱ ଗୁଡ଼ିକୁ 'ଆମ ଶିକ୍ଷକ ' ଦୃଶ୍ୟପଟ୍ଟ-୨ରୁ ସୂଚାଇପାରିବ କି ? ବର୍ତ୍ତମାନ ତଳେ ଦିଆଯାଇଥିବା ଖାଲି ଜାଗାରେ କେଉଁ କେଉଁ ଗୁଣ/ ବିଶେଷତ୍ୱଗୁଡ଼ିକୁ ଗୋଷ୍ଠୀ ପ୍ରସ୍ତୁତିରେ ସହାୟକ ହୁଏ, ତାହାର ତାଲିକା କର ।

(୧) ଦୃଶ୍ୟପଟ୍ଟ-୨ ରେ ଶିକ୍ଷକଙ୍କ ଗୁଣଗୁଡ଼ିକୁ ଉଲ୍ଲେଖ କର

.............................................................................................................

.............................................................................................................

.............................................................................................................

ଟିପ୍ପଣୀ

(୨) ତୁମ ପାଖରେ ଥିବା କେଉଁଗୁଣଗୁଡିକ ତୁମକୁ ଜଣେ ପରିଚାଳକ କରି ପାରିବ ।

..............................................................................................................

..............................................................................................................

..............................................................................................................

..............................................................................................................

..............................................................................................................

## ୯.୩ : ଘଟଣା ଅଧ୍ୟୟନ : ଗୋଷ୍ଠୀ ପରିଚାଳନା ଅନ୍ତର୍ଭୁକ୍ତରେ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ।

ବର୍ତ୍ତମାନ ସୁଦ୍ଧା ଆମେ ଏହି ଏକକରେ ଗୋଷ୍ଠୀ ପରିଚାଳନାର ଧାରଣା ବିଷୟରେ ଅବଗତ ହେଲୁ । ବର୍ତ୍ତମାନ ଆମେ କେତେକ ସଫଳ ଗୋଷ୍ଠୀ ପରିଚାଳନାର କାର୍ଯ୍ୟକ୍ରମ ଯେଉଁଗୁଡ଼ିକ ଶିକ୍ଷାକ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପାକାଇଛି ସେ ବିଷୟରେ ଅଧ୍ୟୟନ କରିବା ।

### ୯.୩.୧ ସର୍ବଶିକ୍ଷା ଅଭିଯାନ ଅଧିନରେ ଗୋଷ୍ଠୀ ଅଂଶଗ୍ରହଣ ଓ ପରିଚାଳନା :

ଭାରତ ସରାକରଙ୍କର ଜାତୀୟ କାର୍ଯ୍ୟକ୍ରମ ୬-୧୪ ବର୍ଷର ସମସ୍ତ ପିଲାମାନଙ୍କୁ ପ୍ରାସଙ୍ଗିକ ଓ ବ୍ୟବହାରଯୋଗ୍ୟ ପ୍ରାଥମିକ ଶିକ୍ଷା ପ୍ରଦାନ ପାଇଁ ଗୁରୁତ୍ୱ ଆରୋପ କରିଛି । ଏଥି ନିମନ୍ତେ ଗୋଷ୍ଠୀର ଅଂଶଗ୍ରହଣ ମାଧ୍ୟମରେ ପ୍ରାଥମିକ ଶିକ୍ଷାର ବିକାଶ ନିମନ୍ତେ ଫଳପ୍ରଦ ଶିକ୍ଷଣ ବ୍ୟବସ୍ଥା ଗ୍ରହଣ, ଗୋଷ୍ଠୀକୁ ତୃଣମୂଳ ସ୍ତରରେ ନିଷ୍ପତ୍ତି ଗ୍ରହଣ ଓ କାର୍ଯ୍ୟକାରୀ କରିବାର କ୍ଷମତା ପ୍ରଦାନ କରିଛି । ସାମ୍ବିଧାନିକ ଦୃଷ୍ଟି କୋଣରୁ (୭୩ ଓ ୭୪ ତମ ସମ୍ବିଧାନ ସଂଶୋଧନ) ଧାରା , ୧୯୯୨, ଜାତୀୟ ଶିକ୍ଷା ନୀତି (NPE) ଏବଂ ବିଭିନ୍ନ ପ୍ରକାର କମିଟିମାନଙ୍କର ସୁପାରିଶ ଶିକ୍ଷା ପରିଚାଳନା କ୍ଷେତ୍ରରେ ବିକେନ୍ଦ୍ରୀକରଣର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛି, ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ (DPEP) ଅଧୀନରେ ଗ୍ରାମ୍ୟ ଶିକ୍ଷାକମିଟିଗୁଡ଼ିକ ଗଠନ କରାଯାଇଛି । ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଏହି ପ୍ରକ୍ରିୟା/ କାର୍ଯ୍ୟକ୍ରମଗୁ ଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବିଦ୍ୟାଳୟର ଉନ୍ନତି ନିମନ୍ତେ ବିଭିନ୍ନ ଖର୍ଚ୍ଚ ତୁଲାଇବା ପାଇଁ ଗୋଷ୍ଠୀ ମାଧ୍ୟମରେ ଅର୍ଥ ପ୍ରଦାନ କରୁଛି, ଯାହାକି SSA ଦ୍ୱାରା ପ୍ରଦାନ କରାଯାଉଥିବା ଅର୍ଥରୁ ୫୦% ରୁ ଅଧିକ ଅଟେ ।

ପ୍ରାୟତଃ ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସର୍ବଶିକ୍ଷା ଅଭିଯାନ ଅଧୀନରେ ଗୋଷ୍ଠୀସ୍ତରୀୟ ଢାଞ୍ଚାମାନ ବିଦ୍ୟମାନ । ଏହି ଗୋଷ୍ଠୀଗତ ସଂସ୍ଥାର ଗଠନ ପ୍ରଣାଳୀ ଆକାର, କାର୍ଯ୍ୟକାଳ, ଢାଞ୍ଚା ଇତ୍ୟାଦିରେ ପାର୍ଥକ୍ୟ/ଭିନ୍ନତା ରହିଛି । ଗୋଷ୍ଠୀ ଆଧାରିତ ତଦାରଖ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା- ନାମଲେଖା, ଅବଧାରଣ, ବାଳୀକା ଓ ଅନ୍ୟ ଅନୁନ୍ନତ ଗୋଷ୍ଠୀର ପିଲାମାନଙ୍କ ନିମନ୍ତେ ଶିକ୍ଷା, ବିଭିନ୍ନ ଅନୁଦାନର ବ୍ୟବହାର ଓ ନିର୍ମାଣର ତଦାରଖ ନିମନ୍ତେ ଗୋଷ୍ଠୀଗତ ଯାଞ୍ଚ ବ୍ୟବସ୍ଥା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପରିପୂରଣ ନିମନ୍ତେ ସାହାଯ୍ୟ ପ୍ରଦାନ କରେ । ଏହି ଗୋଷ୍ଠୀଗତ ସଂସ୍ଥାଗୁଡ଼ିକ ବିଭିନ୍ନ ଅଣୁଯୋଜନାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି, ବିଶେଷତଃ ଗ୍ରାମ୍ୟ/ୱାର୍ଡର ଶିକ୍ଷା ଯୋଜନା ଏବଂ ବିଦ୍ୟାଳୟ ଉନ୍ନତି ଯୋଜନାର ବିକାଶ ନିମନ୍ତେ କାର୍ଯ୍ୟ କରେ । ସର୍ବଶିକ୍ଷା ଅଭିଯାନ ଅଧୀନରେ ଆଞ୍ଚଳିକ ଆବଶ୍ୟକତା ଓ ଉପଯୋଗୀତାକୁ ଦୃଷ୍ଟିରେ ରଖି ଗୋଷ୍ଠୀର ଅଂଶଗ୍ରହଣ ପ୍ରକ୍ରିୟା ମାଧ୍ୟମରେ ବିଦ୍ୟାଳୟ ନିମନ୍ତେ ବାର୍ଷିକ କାର୍ଯ୍ୟଯୋଜନା ଓ ବଜେଟ୍ ପ୍ରସ୍ତୁତ କରିଥାଏ ।

ଟିପ୍ପଣୀ

ବିଭିନ୍ନ ରାଜ୍ୟରେ ସର୍ବଶିକ୍ଷା ଅଭିଯାନ ଅଧୀନରେ ପ୍ରଣୟନ/ଯୋଜନା ହୋଇଥିବା ବିଭିନ୍ନ ଗୋଷ୍ଠୀ ପରିଚାଳନାର ପଦକ୍ଷେପଗୁଡ଼ିକ ନିମ୍ନରେ ପ୍ରଦତ୍ତ ହୋଇଛି :

ମାତୃ ସମ୍ମିଳନୀ - ହିମାଚଳ ପ୍ରଦେଶରେ ବିଦ୍ୟାଳୟ, ଆଞ୍ଚଳିକ, ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରରେ ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ 'ମୀନା ସପ୍ତାହ', 'ଆନ୍ତର୍ଜାତିକ ମହିଳା ଦିବସ' ପାଳନ କରାଯାଉଛି ।

ହାଟ ବଜାର - ଗୁଜୁରାଟରେ ଆଦିବାସୀ ଅଞ୍ଚଳର ମହିଳା ଏବଂ ପିଲାମାନଙ୍କ ନିମନ୍ତେ ସରକାରଙ୍କ ତରଫରୁ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ।

- ନିରକ୍ଷର ମାଆ ମାନଙ୍କ ନିମନ୍ତେ "ସାକ୍ଷରତା ଅଭିଯାନ" କାର୍ଯ୍ୟକ୍ରମ-ଗୁଜୁରାଟ ।
- ଜନଜାତି ଅଞ୍ଚଳରେ "ସ୍ୱତନ୍ତ୍ର ନାମଲେଖା ଅଭିଯାନ" ଏବଂ "ଜାତି ମହାସଭା"- ଓଡ଼ିଶା ।
- ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କ ପାଇଁ "ନାମଲେଖା ଅଭିଯାନ" - ପଶ୍ଚିମବଙ୍ଗ ।
- ଶିକ୍ଷା ବ୍ୟବସ୍ଥାରେ ପାଠ୍ୟଗତ ଓ ଭିତ୍ତି ପ୍ରସ୍ତର ଅବସ୍ଥାର ଉନ୍ନତି ନିମନ୍ତେ "ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ବଳ ମହା-ଅଭିଯାନ" କାର୍ଯ୍ୟ କରୁଛି - ରାଜସ୍ଥାନ ।
- ବାଲମେଳା - ହିମାଚଳ ପ୍ରଦେଶ, ଉତ୍ତରାଞ୍ଚଳ, ରାଜସ୍ଥାନ, ବିହାର, ଝାଡଖଣ୍ଡ, ଆସାମ, ଦିଲ୍ଲୀ ।
- ମା'-ବେଟି ମେଳା - ଉତ୍ତରାଞ୍ଚଳ, ମଧପ୍ରଦେଶ, ଗୁଜୁରାଟ ।
- କଣ୍ଢେଇ ନାଚ (puppet shows) - କେରଳ, ପଶ୍ଚିମବଙ୍ଗ ।
- କଳାଜାଥ (kalajathas)- ଉତ୍ତରାଞ୍ଚଳ, ରାଜସ୍ଥାନ, ବିହାର, ମଣିପୁର ।
- ପଥପ୍ରାନ୍ତ ନାଟକ - କେରଳ, ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ ।
- ସ୍କୁଲ ଚାଲ ଅଭିଯାନ - ଉତ୍ତରାଞ୍ଚଳ
- ମେଳା
- ସର୍ବଶିକ୍ଷା ଅଭିଯାନର ସଚେତନତା-ହରିଆନା ।
- ପ୍ରବେଶ ଉତ୍ସବ ମେଳା-ମଧପ୍ରଦେଶ, ଓଡ଼ିଶା ।
- ହୋଲି ମେଳା-ଗୁଜୁରାଟ ।
- ବିଦ୍ୟାଳୟ ମେଳା- କେରଳ ।

**ଶିକ୍ଷଣ କାର୍ଯ୍ୟ - ୧**

ତୁମେ ଜାଣିଥିବ, ତୁମ ରାଜ୍ୟ ବା ଅନ୍ୟ ରାଜ୍ୟରେ ସର୍ବଶିକ୍ଷା ଅଭିଯାନ ଅଧୀନରେ ଅନ୍ୟ କୌଣସି ଗୋଷ୍ଠୀ ପରିଚାଳନା କାର୍ଯ୍ୟକ୍ରମଗୁଡ଼ିକର ନିମ୍ନରେ ତାଲିକା କର ।

ଟିପ୍ପଣୀ

## ୯.୩.୨ ଗୋଷ୍ଠୀ ପରିଚାଳନା : ପ୍ରଥମାର ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ

'ପ୍ରଥମ' ନାମକ ଏକ ବେସରକାରୀ ସଂସ୍ଥା "ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ଯିବେ ଓ ଉତ୍ତମ ଶିକ୍ଷଣ ଲାଭ କରିବେ ।" ଏହି ନୀତିକୁ ଭିତ୍ତି କରି ଭାରତରେ ଥିବା ଅବହେଳିତ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ କାର୍ଯ୍ୟ କରୁଛି । ମୁମ୍ବାଇ ନଗରୀର ବସ୍ତି ଅଞ୍ଚଳର ପିଲାମାନଙ୍କୁ ଶିକ୍ଷା ପ୍ରଦାନ ନିମନ୍ତେ ୧୯୯୪ ମସିହାରେ ଏହି ସଂସ୍ଥା ସ୍ଥାପନ ହୋଇଥିଲା । ସେହିଦିନଠାରୁ ଏହି ସଂସ୍ଥା ସାରା ଦେଶରେ ତା'ର କାୟା ବିସ୍ତାର କରି ବର୍ତ୍ତମାନ ୩୪ ନିୟୁତରୁ ଅଧିକ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରୁଛି । ଅଭିନବ ପ୍ରସ୍ତୁତିକରଣ କୌଶଳ ଦ୍ୱାରା ଗୋଷ୍ଠୀରେ ପରିଣତ ହୋଇଛି । ଏହି ସଂସ୍ଥା ସୀମିତ ସମ୍ବଳକୁ ଭିତ୍ତିକରି ମୁମ୍ବାଇର ବସ୍ତି ଅଞ୍ଚଳରେ ପ୍ରାକ୍-ବିଦ୍ୟାଳୟ କାର୍ଯ୍ୟକ୍ରମରୁ ଆରମ୍ଭ କରିଥିଲା, ପରବର୍ତ୍ତୀ ପର୍ଯ୍ୟାୟରେ ଗୋଷ୍ଠୀର ଅଂଶଗ୍ରହଣ ଦ୍ୱାରା ଏହି ସଂସ୍ଥା ବୃଦ୍ଧିପାଇ ଏକ ବିସ୍ତିର୍ଣ୍ଣ ରୂପ ଧାରଣ କରିଛି । ପ୍ରାକ୍-ବିଦ୍ୟାଳୟ ସ୍ତରରୁ ଆରମ୍ଭ ହୋଇ ଏହି ସଂସ୍ଥା ବିଦ୍ୟାଳ୍ୟ ପ୍ରତିକାରାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ, ବିଦ୍ୟାଳୟ ବାହାରେ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସଂଯୋଗୀ କାର୍ଯ୍ୟକ୍ରମ (Bridge programs) ସ୍ୱଳ୍ପ ସମୟ ମଧ୍ୟରେ ପିଲାଙ୍କର ଶିକ୍ଷା ଗ୍ରହଣ ନିମନ୍ତେ ଏକ ସରଳ ଶିକ୍ଷଣ ପଦ୍ଧତି ଇତ୍ୟାଦି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରୁଛି । ଏତଦ୍‌ବ୍ୟତୀତ ପରୀକ୍ଷଣ ସାଧନୀ, ଯାହାକି ଶିକ୍ଷଣ ନିମନ୍ତେ ପଠନ ପଦ୍ଧତିର ଉଦ୍ଭାବକ ଏବଂ ବାର୍ଷିକ ଶିକ୍ଷା ବ୍ୟବସ୍ଥା ରିପୋର୍ଟ (ASER) ନାମକ ଏକ ଅଭିନବ ସର୍ବେକ୍ଷଣ ପଦ୍ଧତିକୁ ଦେଶସାରା ପ୍ରଚଳନ କରିଥିଲା । ସାରା ଦେଶର ବହୁ ସଂଖ୍ୟକ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ୨୦୦୫ ମସିହାରୁ ପ୍ରତ୍ୟେକ ବର୍ଷ ୧୬୦୦୦ ଗ୍ରାମ, ୩୨୦,୦୦୦ ପରିବାର ଏବଂ ପ୍ରାୟ ୭୦୦,୦୦୦ ପିଲାମାନଙ୍କ ଉପରେ ଏହି ସର୍ବେକ୍ଷଣ କରିବାରେ ସମର୍ଥ ହୋଇପାରିଥିଲା । ପ୍ରଥମ ର "ଭାରତ ପଠନ ଅଭିଯାନ" (Read India compaign) ଶିକ୍ଷଣ କ୍ଷେତ୍ରରେ ଦୁର୍ବଳ ଥିବା ପିଲାମାନଙ୍କର ସମସ୍ୟାକୁ ଉତ୍‌ଥାନ କରିଥିଲା ଏବଂ ଏହା ନିମନ୍ତେ ସାରା ଦେଶର ୩୫୦,୦୦୦ ଗ୍ରାମ ଉପରେ ସର୍ବେକ୍ଷଣ କରିଥିଲା । 'ପ୍ରଥମ' ଦ୍ୱାରା ଗ୍ରହଣ କରାଯାଇଥିବା କେତେକ ମୁଖ୍ୟ ଗୋଷ୍ଠୀ ପ୍ରସ୍ତୁତିକରଣ କାର୍ଯ୍ୟକ୍ରମଗୁଡ଼ିକ ନିମ୍ନରେ ପ୍ରଦତ୍ତ ହୋଇଛି । ଯଥା-

(କ) ମ୍ୟାପିଙ୍ଗ୍ (Mapping) : ଏହା ଗ୍ରାମବାସୀମାନଙ୍କର ଉପଲବ୍ଧ ବିଭିନ୍ନ ସୁବିଧା, ଓ ଅସୁବିଧା, ଗୋଷ୍ଠୀର ବିବରଣୀ ଏବଂ ଅନ୍ୟାନ୍ୟ ତଥ୍ୟ ଜାଣିବା ନିମନ୍ତେ ଗ୍ରାମବାସୀଙ୍କ ସହିତ କଥୋପକଥନ କାର୍ଯ୍ୟକ୍ରମ ଅଟେ ।

(ଖ) କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ସ୍ପଷ୍ଟ କରିବା ପାଇଁ VEC/SMC ପ୍ରଧାନ ଏବଂ ମୁଖ୍ୟ ସଦସ୍ୟମାନଙ୍କ ସହ ବୈଠକ ।

(ଗ) କ୍ଷୁଦ୍ର ଦଳ/ବୃହତ୍ ଦଳର ବୈଠକ : ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୋଷ୍ଠୀକୁ 'ପ୍ରଥମ'ର ବିଭିନ୍ନ କାର୍ଯ୍ୟକ୍ରମ ସହିତ ପରିଚିତ କରାଇବା ଏବଂ ଗୋଷ୍ଠୀକୁ ପିଲାମାନଙ୍କର ପ୍ରଥମିକ ଶିକ୍ଷା ଏବଂ ଶିକ୍ଷଣ ସ୍ତର ଅଭିବୃଦ୍ଧି ନିମନ୍ତେ ଅଭିପ୍ରେରିତ କରିବା । ଏହା ସାଧାରଣତଃ ନିମ୍ନଲିଖିତ କେତେକ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରେ ।

Purva/Tola/Mohalla ର ପିଲାମାନଙ୍କୁ ASER ରେ ପରୀକ୍ଷଣ କରିବା । ଏହି କାର୍ଯ୍ୟକ୍ରମ ଗୋଷ୍ଠୀର ଲୋକମାନଙ୍କୁ କେତେକାଂଶରେ ଆକୃଷ୍ଟ ଏବଂ ନିୟୋଜିତ କରୁଛି ଏବଂ କ୍ଷୁଦ୍ର ଦଳ ବୈଠକ ପାଇଁ ଏକ ମୂଳଦୁଆ ଅଟେ ।

- ନିର୍ଦ୍ଦିଷ୍ଟ କ୍ଷେତ୍ରରେ ହୋଇଥିବା ପରୀକ୍ଷଣର ତଥ୍ୟର ବଣ୍ଟନ ଏବଂ ଆଲୋଚନା କରିବା ।
- ଛୋଟ ଦଳରେ ପିଲାମାନଙ୍କ ସହିତ 'ପ୍ରଥମ' କାର୍ଯ୍ୟକ୍ରମ ଗୁଡିକର ପ୍ରଦର୍ଶନ କରିବା ।

ବିଦ୍ୟାଳୟଗୁଡିକରେ କାର୍ଯ୍ୟକ୍ରମ - 'ପ୍ରଥମ'ର ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଧାନଶିକ୍ଷକଙ୍କ ସହ ପରିଚିତ କରିବା ଏବଂ ବିଦ୍ୟାଳୟ ସହ ଏକ ସୁସଂପର୍କ ସ୍ଥାପନ କରିବା, 'ପ୍ରଥମ'ର ବିଭିନ୍ନ ଶିକ୍ଷଣ ସାମଗ୍ରୀକୁ ପ୍ରଦର୍ଶନ କରିବା ।

ଟିପ୍ପଣୀ

**ଶିକ୍ଷଣ କାର୍ଯ୍ୟ - ୨**

ତୁମେ ଜାଣିଛ କି ନିଜ ଅଞ୍ଚଳରେ କୌଣସି NGO ପ୍ରାଥମିକ ଶିକ୍ଷା ସହିତ ଜଡ଼ିତ ଅଛନ୍ତି ? ତୁମ ଘର କିମ୍ବା ବିଦ୍ୟାଳୟ ନିକଟରେ ଏପରି କୌଣସି ସଂଗଠନ କାର୍ଯ୍ୟ କରୁଛି କି ଅନୁସନ୍ଧାନ କର । ସେହି ସଂଗଠନ ଦ୍ୱାରା ଗ୍ରହଣ କରାଯାଇ ଗୋଷ୍ଠୀ ପରିଚାଳନା କାର୍ଯ୍ୟଗୁଡ଼ିକୁ ନିମ୍ନରେ ତାଲିକାଭୁକ୍ତ କର ।

## ୯.୪ ଶିକ୍ଷକ ଏବଂ ଗୋଷ୍ଠୀ ପରିଚାଳନା :

ବର୍ତ୍ତମାନ ତୁମେମାନେ ଗୋଷ୍ଠୀ ପରିଚାଳନା ପ୍ରକ୍ରିୟା ଏହାର ଗୁରୁତ୍ୱ ଏବଂ ଏହି ପ୍ରକ୍ରିୟାର ବିଭିନ୍ନ କାର୍ଯ୍ୟ ବିଷୟରେ ପଢ଼ିଲେ । ଏହି ଏକକରେ ପୂର୍ବବର୍ଣ୍ଣିତ ଦୃଶ୍ୟପଟ୍ଟ ୨ରେ ଗୋଷ୍ଠୀ ପରିଚାଳନାର ପ୍ରକ୍ରିୟା ବିଷୟରେ ବର୍ଣ୍ଣିତ ହୋଇଛି । ତୁମ ଅଞ୍ଚଳରେ ବିଦ୍ୟାଳୟର ଉନ୍ନତି ନିମନ୍ତେ ଅନ୍ୟ କୌଣସି ଗୋଷ୍ଠୀ ସହିତ ଜଣେ ଶିକ୍ଷକ ହିସାବରେ ତୁମର ସହଯୋଗିତା କ'ଣ ତାହା ତୁମେ କହି ପାରିବ କି ?

ନିମ୍ନରେ ସେହି ଗୋଷ୍ଠୀଗୁଡ଼ିକର ତାଲିକା କର -

୧.

୨.

୩.

ଏହି ଗୋଷ୍ଠୀଗୁଡ଼ିକର ଆବଶ୍ୟକତା ହେଉଥିବା ସାଧାରଣ ଆବଶ୍ୟକତାଗୁଡ଼ିକୁ ଚିହ୍ନଟ କର ଏବଂ ଏହି ଆବଶ୍ୟକତାଗୁଡ଼ିକର ପରିପୂରଣ ନିମନ୍ତେ କେଉଁକେଉଁ ଉପାୟରେ ଗୋଷ୍ଠୀ ପରିଚାଳନା କରିପାରିବ ତାହାର ଉପାୟ ଉଲ୍ଲେଖ କର ।

୧.

୨.

୩.

## ୯.୫ ସାରାଂଶ :

୧. ଗୋଷ୍ଠୀ ପରିଚାଳନା ହେଉଛି ଏକ ପ୍ରକ୍ରିୟା ଯେଉଥିରେ ଗୋଷ୍ଠୀର ଲୋକମାନେ କାର୍ଯ୍ୟ ନିମନ୍ତେ ଯୋଜନା କରି ତାହାର ସମ୍ପାଦନ କରନ୍ତି । ସେମାନେ ସେମାନଙ୍କର ଗୋଷ୍ଠୀର ଅଧିବାସୀମାନଙ୍କର ଜୀବନଶୈଳୀର ଉନ୍ନତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ।

ଟିପ୍ପଣୀ

୨. ଗୋଷ୍ଠୀ ପରିଚାଳନା ହେଉଛି ଏକ ଦକ୍ଷତା ବୃଦ୍ଧି ପ୍ରକ୍ରିୟା ଯାହାଦ୍ୱାରା ଗୋଷ୍ଠି ବ୍ୟକ୍ତିବିଶେଷ, ଦଳ ଏବଂ ସଂଗଠନଗୁଡ଼ିକ ଅନ୍ୟର ସହାୟତାରେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଯୋଜନା କରନ୍ତି, ତାହାକୁ ପାଳନ କରନ୍ତି ଏବଂ ଏହି କାର୍ଯ୍ୟଗୁଡ଼ିକର ମୂଲ୍ୟାୟନ କରିଥାନ୍ତି ।

୩. ଗୋଷ୍ଠୀ ପରିଚାଳନା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଯାହାଦ୍ୱାରା କି ଗୋଷ୍ଠୀର ଉନ୍ନତି ନିମନ୍ତେ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ଏବଂ ପଦକ୍ଷେପଗୁଡ଼ିକୁ ସଫଳତାର ସହ ସମ୍ପାଦନ କରିବା ନିମନ୍ତେ ସକ୍ଷମ ହୁଏ । ଏତଦ୍‌ବ୍ୟତୀତ ବିଭିନ୍ନ କାର୍ଯ୍ୟକ୍ରମ ଯଥା- କାର୍ଯ୍ୟସମ୍ପାଦନ ପାଇଁ ଅତିରିକ୍ତ ସମ୍ବଳର ପ୍ରୟୋଗ, ଅତ୍ୟଧିକ ଦୁର୍ବଳ ଥିବା ପିଲାମାନଙ୍କ ନିମନ୍ତେ ଶିକ୍ଷା, କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଭିନ୍ନ ସମସ୍ୟାର ଚିହ୍ନଟ, ଲିଙ୍ଗଗତ ବୈଷମ୍ୟତା, ଦୂରୀକରଣ ସଚେତନତାର ଅଭାବ ଏବଂ ଗୋଷ୍ଠୀର ଦାୟିତ୍ୱବୋଧର ଅଭିବୃଦ୍ଧି ଇତ୍ୟାଦିକୁ ତ୍ୱରାନ୍ୱିତ କରିବାପାଇଁ ଗୋଷ୍ଠୀ ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ ଅଟେ ।

୪. ଗୋଷ୍ଠୀ ପରିଚାଳନାର ପ୍ରକ୍ରିୟାରେ ବିଭିନ୍ନ କାର୍ଯ୍ୟଧାରା ଅନ୍ତର୍ଭୁକ୍ତ ହୋଇଥାଏ । ଏହି କାର୍ଯ୍ୟଧାରାର ସମନ୍ୱୟ ଏବଂ ଅନୁକ୍ରମ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

୫. ଗୋଷ୍ଠୀ ପରିଚାଳନାର ସାଧାରଣ ଲକ୍ଷ୍ୟ ପୂରଣ ଦିଗରେ ଗୋଷ୍ଠୀର ଲୋକମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ସମ୍ବଳର ଉପଯୁକ୍ତ ବିନିଯୋଗ ନିମନ୍ତେ ପଦକ୍ଷେପ ନେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ।

୬. ଜଣେ ଦକ୍ଷ ଗୋଷ୍ଠୀ ପରିଚାଳକ ନିକଟରେ କେତେକ ନିର୍ଦ୍ଦିଷ୍ଟ କୌଶଳ ବା ଦକ୍ଷତା ରହିବା ଉଚିତ୍ । ଏଥିନିମନ୍ତେ ଗୋଷ୍ଠୀ ପରିଚାଳକ ଜଣେ ଦକ୍ଷ ଏବଂ ସଫଳ ଭାବବିନିମୟକାରୀ ହୋବ ଆବଶ୍ୟକ ।

୭. ଜଣେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଦକ୍ଷତାର ଅଭିବୃଦ୍ଧି ନମନ୍ତେ ଉପଲବ୍ଧ ହେଉଥିବା ସମ୍ବଳର ସୁବିନିଯୋଗ କରି ଜଣେ ଦକ୍ଷ ଗୋଷ୍ଠୀ ପ୍ରସ୍ତୁତକାରୀ ଭାବେ କାର୍ଯ୍ୟ କରିବାରେ ସକ୍ଷମ ହୁଅନ୍ତି ।

## ୯.୬ : ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

ଦତ୍ତ କାର୍ଯ୍ୟ ନିମନ୍ତେ ତୁମେ ତୁମର ବରିଷ୍ଠ ଶିକ୍ଷକ, ସହକର୍ମୀ, ତୁମର ଅଧକ୍ଷଙ୍କ ପରାମର୍ଶ ନେଇପାରିବ । ଏତଦ୍‌ବ୍ୟତୀତ ଅଧିକ ଖବର/ସୂଚନା ନିମନ୍ତେ ଇଣ୍ଟରନେଟ୍‌ର ସହାୟତା ନେଇପାରିବ ।

## ୯.୭ : ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ


- Handbook for literacy and non-formal education facilitators in Africa. Module 1: Community Sensitization and Mobilization for Development UNLDLIFE Publication. Available at: http://unesdoc.unesco.org/images/0014/001446/144656e.pdf; *Accessed on 1st October 2011*
- Pratham Diploma Course in Community Leadership for Education. Module on Community mobilization (2011) (course of Pratham Community college).
- ASER centre certificate programme for Survey and Research Coordinators; Study material developed for Course domain – Basic Communications (2011).
- Overview on Community Mobilisation under Sarva Shiksha Abhiyan. http://ssa.nic.in *Accessed on 8th October 2011.*

♦ Getting children back to school. Case studies in Primary Education (2003) Editor- Vimala Ramachandran. Sage Publications India Pvt Ltd.



ଟିପ୍ପଣୀ

## ୯.୮ : ପାଠାନ୍ତ ପ୍ରଶ୍ନାବଳୀ

ସର୍ବଶିକ୍ଷା ଅଭିଯାନ ଅଧୀନରେ ଅନ୍ତର୍ଭୁକ୍ତ ଧାରା ୯.୪.୧ରେ ତାଲିକାଭୁକ୍ତ ହୋଇଥିବା କାର୍ଯ୍ୟଧାରାକୁ ତୁମ ଭାଷାରେ ବୁଝାଇଲେଖ । (୫୦୦ ଶବ୍ଦ ମଧ୍ୟରେ)